## ସଂକ୍ଷେପରେ

### ଯାନବାହନ ଯାଞ୍ଚ: ଜରିମାନା ଆଦାୟ



ଡାବୁଗାଁ, ୩୧।୮ (ଡି.ଏନ୍.ଏ.)- ଡାବୁଗାଁ ଥାନା ସମ୍ମୁଖରେ ପୋଲିସ ପକ୍ଷରୁ ଶୁକ୍ରବାର ବାଇକ୍, ଅଟୋ ଓ ଚାରିଚକିଆ ଯାନ ଯାଞ୍ଚ କରାଯାଇଛି। ଏଥିରେ ହେଲମେଟ, ଡ୍ରାଇଭିଙ୍ଗ ଲାଇସେନ୍ସ, ଇନସ୍ୟୁରାନ୍ସ ଓ ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଇଥିଲା। ତ୍ରୁଟିପୂର୍ଣ୍ଣ କାଗଜ ପତ୍ର ଓ ହେଲ୍‌ମେଟ୍ ନ ଥିବା ଚାଳକଙ୍କଠାରୁ ୨୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଯାଞ୍ଚ ସମୟରେ ଏଏସ୍‌ଆଇ ଗଣେଶ ଚନ୍ଦ୍ର ପଟ୍ଟନାୟକ ଓ ସଲମନ ଭୂୟାଁଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

### ମଧ୍ୟାହ୍ନଭୋଜନ ଚାଉଳ ଚୋରି

ପାପଡାହାଣ୍ଡି, ୩୧।୮(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସଦର ମହକୁମାସ୍ଥିତ ୟୁଜିଏମ୍‌ଇ ସ୍କୁଲ ପରିସରରୁ ଗୁରୁବାର ରାତିରେ ମଧ୍ୟାହ୍ନଭୋଜନ ଚାଉଳ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସ୍କୁଲ ତାଲା ଭାଙ୍ଗି ଦୁର୍ବୃତ୍ତ ୪ କୁଇଣ୍ଟାଲ ଚାଉଳ, ଗ୍ୟାସ ସିଲିଣ୍ଡର ଓ ଜୁଲା ଚୋରୀ କରି ନେଇଛନ୍ତି। ଶୁକ୍ରବାର ସ୍କୁଲ ଖୋଲିଲା ପରେ ଏ ନେଇ ଜଣାପଡିଥିଲା। ବିଦ୍ୟାଳୟ ଇନ୍‌ଚାର୍ଜ ସୁବାସିନୀ ପାତ୍ର ଏ ନେଇ ଥାନାରେ ଏତଲା ଦେଇଛନ୍ତି।

### ଗଞ୍ଜେଇ ଜବତ, ୨ ଅଟକ

ନବରଙ୍ଗପୁର, ୩୧।୮(ବି.ପ୍ର.)- ନବରଙ୍ଗପୁର ପୋଲିସ ଏକ ଘରୋଇ ବସ୍‌ରୁ ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଅଟକ ରଖିଛି। ପ୍ରକାଶ ଯେ, ବସ୍‌ଷ୍ଟାଣ୍ଡରୁ ଏକ ଘରୋଇ ବସ୍‌ରେ ଲୋକ ଚଢିବା ପରେ ନିଜ ଜିନିଷ ରଖିବା ନେଇ ସ୍ଥାନ ଖୋଜିବା ବେଳେ ୩ଟି ଟ୍ରଲି ବ୍ୟାଗରେ ଗଞ୍ଜେଇ ଥିବା ନେଇ ସନ୍ଦେହ ହୋଇଥିଲା। ସେମାନେ ପୋଲିସକୁ ଖବର ଦେଇଥିଲେବ ପୋଲିସ ସେଠାରେ ପହଞ୍ଚି ଗଞ୍ଜେଇ ଜବତ କରି ସନ୍ଦେହରେ ୨ଜଣଙ୍କୁ ଅଟକ ରଖିଛି।

■ ନବରଙ୍ଗପୁର ମହାବିଦ୍ୟାଳୟ

# ଭିତ୍ତିଭୂମି ବିକାଶ ପାଇଁ ଦେଢ଼ କୋଟି ଅନୁଦାନ

**ଭିଡିଓ କନ୍‌ଫରେନ୍ସିଂରେ ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

ନବରଙ୍ଗପୁର,୩୧।୮(ବି.ପ୍ର.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୯ଟି ଜିଲାର ୧୧ଟି ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ଦେଢ କୋଟି ଟଙ୍କା ଲେଖାଏ ଅନୁଦାନ ଯୋଗାଇ ଦିଆଯିବ ବୋଲି ଭିଡିଓ କନଫ୍ରେନ୍ସ ମାଧ୍ୟମରେ ଜଣାଇଛନ୍ତି। ଉଚ୍ଚ ଶିକ୍ଷା ପାଇଁ ନବରଙ୍ଗପୁର ମହାବିଦ୍ୟାଳୟର ଉପଯୁକ୍ତ ଭିତ୍ତିଭୂମି ନ ଥିବା ନେଇ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲା। ଉପଯୁକ୍ତ ପରିବେଶ ପାଇଁ ନୀତିଗତ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ଏମ୍‌ପି ବଳଭଦ୍ର ମାଝି, ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରି , ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା, ବିଜେଡି ଜିଲା ସଭାପତ ପ୍ରହଲ୍ଲାଦ ତ୍ରିପାଠୀ, କାଜୁ ନିଗମ ଅଧ୍ୟକ୍ଷ ମୁନା ଖାନ୍, ସୋମନାଥ ବିଷୋୟୀ, ଅନୁସୂଚିତ ଜନଜାତି ବିକାଶ ପରିଷଦର ଅଧ୍ୟକ୍ଷ ମୋତିରାମ ନାୟକ, ଉପାଧ୍ୟକ୍ଷ ମଞ୍ଜୁଳା ମାଝି, ଜିଲାପରିଷଦ ଅଧ୍ୟକ୍ଷା ଭଗବତୀ ଭତ୍ରା, ଅତିରିକ୍ତ ଜିଲାପାଳ ପରିକ୍ଷିତ ସେଠୀ, ତହସିଲଦାର ଅକ୍ଷୟ କୁମାର ଖେମୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ରୀଛାତ୍ର ଅଭିଭାବକ, ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ।

■ ଇଚ୍ଛାପୁର ପଞ୍ଚାୟତ ଗୃହ ନିର୍ମାଣ ବିବାଦ ଘଟଣା

# ଆର୍‌ଆଇ, ଅତିରିକ୍ତ ଆର୍‌ଆଇ ଅଟକ

ଝରିଗାଁ, ୩୧।୮(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଇଚ୍ଛାପୁର ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣକୁ ନେଇ ଲାଗି ରହିଥିବା ବିବାଦ ଥମିବାର ନାଁ ନେଉନି। ଏଣେ ଶୁକ୍ରବାର ତହସିଲଦାରଙ୍କ ନେତୃତ୍ୱରେ ଚଟା ରାଜସ୍ୱ ନିରୀକ୍ଷକ ସୁବ୍ରତନ ମିସ୍ତ୍ରୀ ଏବଂ ଅତିରିକ୍ତ ରାଜସ୍ୱ ନିରୀକ୍ଷକ କ୍ଷମରାଜ ପୂଜାରୀ ଶୁକ୍ରବାର ଅପରାହ୍ନରେ ଇଚ୍ଛାପୁର ଗ୍ରାମକୁ ଯାଇଥିଲେ। ଗ୍ରାମବାସୀଙ୍କ ସହ ସେମାନଙ୍କ ମତଭେଦ ହେବାରୁ ଉଭୟଙ୍କୁ ଇଚ୍ଛାପୁରସ୍ଥିତ ଅସ୍ଥାୟୀ ଗୃହରେ ଅଟକ ରଖିଥିଲେ। ପରେ ସେମାନଙ୍କୁ ଛାଡି ଦେଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ଇଚ୍ଛାପୁରରେ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ସ୍ଥାପନ କରିବାକୁ ଦାବିକରି ୪ ଦିନ ହେବ ଗ୍ରାମବାସୀ ପଞ୍ଚାୟତର ୬ ବିଦ୍ୟାଳୟ ଏବଂ ୫ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ରଖିଛନ୍ତି। ଶୁକ୍ରବାର ଚଟା ରାଜସ୍ୱ ନିରୀକ୍ଷକ ଓ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ସେଠାକୁ ଯିବାରୁ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ପୂର୍ବରୁ ଚିହ୍ନଟ ହୋଇଥିବା ଜାଗାକୁ ସେମାନଙ୍କୁ ଦେଖାଇଥିଲେ। ଏହାପରେ ରାଜସ୍ୱ ନିରୀକ୍ଷକ ସ୍ପୃକ୍ତ ସ୍ଥାନର କିସମ ନେଇ ଆନ୍ଦୋଳନକାରୀ ମାନଙ୍କୁ ଜଣାଇଥିଲେ। ଗ୍ରାମବାସୀ ଏବଂ ରାଜସ୍ୱ ନିରୀକ୍ଷକଙ୍କ ମଧ୍ୟରେ ମତଭେଦ ଦେଖାଦେଇଥିଲା। ଏହାପରେ ରାଜସ୍ୱ ନିରୀକ୍ଷକ ଏବଂ ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଇଚ୍ଛାପୁରସ୍ଥିତ ଅସ୍ଥାୟୀ ଗୃହରେ ରାତି ପ୍ରାୟ ୭ଟା ପର୍ଯ୍ୟନ୍ତ ଅଟକ ରଖିଥିଲେ। ଇଚ୍ଛାପୁର ଗ୍ରାମରେ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ତହସିଲଦାରଙ୍କ ଉଦ୍ଦେଶ୍ୟରେ ଲେଖାଯାଇଥିବା ଏକ ତଦନ୍ତ ରିପୋର୍ଟ ନକଲ ଆନ୍ଦୋଳନକାରୀଙ୍କୁ ପ୍ରଦାନ କରାଯିବାପରେ ସେମାନେ ଅଟକ ରାଜସ୍ୱ ନିରୀକ୍ଷକଙ୍କୁ ଛାଡିଥିଲେ। ପ୍ରକାଶଯେ, ଧାରଣାର ତୃତୀୟ ଦିନରେ ଜିଲା ପ୍ରଶାସନର ପକ୍ଷରୁ ସ୍ଥାନୀୟ ବିଡିଓ ତହସିଲଦାର, ଏବିଡିଓ, ଜିପିଇଓ, ବ୍ଲକ ସୁରକ୍ଷା ଅଧିକାରୀ, ଯୋଗାଣ ନିରିକ୍ଷକ, ଚଟା ରାଜସ୍ୱ ନିରୀକ୍ଷକ ପ୍ରମୁଖ ଇଚ୍ଛାପୁର ଗ୍ରାମରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଇଚ୍ଛାପୁର ଗ୍ରାମବାସୀ ଏବଂ ଆଦିବାସୀ ଅଧିକାର ମଞ୍ଚ ଝରିଗାଁ ବ୍ଲକ କମିଟି ପକ୍ଷରୁ ଦିଆଯାଇଥିବା ଦାବିପତ୍ରକୁ ବିଡିଓ ଆନ୍ଦୋଳନକାରୀଙ୍କ ଆଗରେ ଉପସ୍ଥାପନ କରିଥିଲେ। ସମସ୍ୟା ସମାଧାନ ନ ହେବା ଯାଏ ନିର୍ମାଣାଧୀନ ପଞ୍ଚାୟତ କାର୍ଯ୍ୟାଳୟ କାମ ବନ୍ଦ ରହିବ ନେଇ ବିଡିଓ କହିଥିଲେ। ଇଚ୍ଛାପୁରରେ ପଞ୍ଚାୟତ ଗୃହ ନିର୍ମାଣ ନେଇ ଜାଗା ଚିହ୍ନଟ ସହ ସମସ୍ୟାର ସମାଧାନ ନହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ ଅଧିକାରୀମାନଙ୍କୁ ଜଣାଇଥିଲେ। ବନ୍ଦର ଚତୁର୍ଥ ଦିନରେ ରାଜେଶ ଜାନୀ, ନୁଆଖାଉ ଭତ୍ରା, ଜଗଦିଶ ମାଝି, ଅନୁର୍ଯ୍ୟ ଛତ୍ରିଆ, ସୁନ୍ଦର ମାଝି, ମଧୁ ଦଳପତି, ଷଳଧର ଭତ୍ରା, ଲକ୍ଷ୍ମୀଧର ଜାନୀ, ଚକ୍ର ମାଝୀ, କମଳସାଇ ପୂଜାରୀଙ୍କ ସହ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।



ଅଟକ ଥିବା ଆର୍‌ଆଇ ଓ ଅତିରିକ୍ତ ଆର୍‌ଆଇ।

### ବିନା ଟେଣ୍ଡରରେ ହେଉଥିବା କାମକୁ ବିରୋଧ କରାଯିବ

ନବରଙ୍ଗପୁର, ୩୧।୮(ବି.ପ୍ର.)–

ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ନବରଙ୍ଗପୁର ବ୍ଲକର ସମିତି ସଭ୍ୟା ସଭ୍ୟମାନେ ଅଭିଯୋଗ କରିଛନ୍ତି। ଏନେଇ ଜିଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ପ୍ରକଳ୍ପ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ନିର୍ବାହୀ ଯନ୍ତ୍ରୀଙ୍କୁ ସେମାନେ ଏକ ଦାବିପତ୍ର ଦେଇଛନ୍ତି। ଉନ୍ନୟନ କାର୍ଯ୍ୟ ସବୁ ଆରମ୍ଭ ପୂର୍ବରୁ ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ଜଣା ଯାଉନାହିଁ। ବିନା ଟେଣ୍ଡରରେ କାମ କରାଗଲେ ଏହାକୁ ପଞ୍ଚାୟତ ସମିତିରେ ବିରୋଧ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠିରେ ଦୁଇଟି ପଞ୍ଚାୟତ ପାଇଁ ୧୦ଟି କାର୍ଯ୍ୟାଦେଶ ଦିଆଯାଇଛି । ସେଥିମଧ୍ୟରୁ ବାଘ ସିଉନି ପଞ୍ଚାୟତର ୨ କିମି ବ୍ୟବଧାନ ମଧ୍ୟରେ ୫ ଲକ୍ଷ ଟଙ୍କା ଲେଖାଏ ବ୍ୟୟ ଅଟକଳରେ ୯ଟି ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ନିର୍ବାଚିତ ପ୍ରତିନିଧିଙ୍କ ପ୍ରସ୍ତାବକୁ ଗୁରୁତ୍ୱ ଦିଆଯାଉ ନାହିଁ। ଉନ୍ନୟନ କାର୍ଯ୍ୟ ନାଁରେ ବ୍ୟାପକ ଦୁର୍ନୀତି ହେଉଛି। ନ୍ୟାୟ ପାଇଁ ଭିଜିଲାନ୍ସର ଆଶ୍ରୟ ନେବୁ ବୋଲି ବଳରାମ ଭତ୍ରା, ରେଣୁକା ବାଘ, ପଦ୍ମିନୀ ଚଣ୍ଡାଳ, ଡମ୍ବରୁ ଧର ଭତ୍ରା, ମାନସ ଦାଶଙ୍କ ସମେତ ୬୮ ଜଣ ସମିତି ସଭ୍ୟାସଭ୍ୟ କହିଛନ୍ତି।

# ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଅତିଥିଙ୍କ ଗହଣରେ ବିଦାୟୀ ପ୍ରଧାନଶିକ୍ଷକ।

ମାଲକାନଗିରି, ୩୧।୮ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଦୀର୍ଘ ୩୫ ବର୍ଷ ଶିକ୍ଷା ବିଭାଗରେ କାର୍ଯ୍ୟ କରି ଆଦର୍ଶ ଶିକ୍ଷକ ଭାବେ ପରିଚିତ ପୁଟୁଗାଁ ଗ୍ରାମର ପ୍ରଧାନ ଶିକ୍ଷକ ଶିଶିର କୁମାର ପାଢୀଙ୍କୁ ଶୁକ୍ରବାର ଚାକିରିରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଗ୍ରାମବାସୀ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। କୁଡୁମୁଲୁଗୁମ୍ମା ବ୍ଲକ ପୁଟୁଗାଁ ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପାଢୀ ଜିଲାରେ ୧୯୮୬ରେ ଶିକ୍ଷକ ଜୀବନ ଆରମ୍ଭ କରି ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ନିଜର ଶିକ୍ଷକତା ପାଇଁ ସେ ବିଭିନ୍ନ ସମୟରେ ଜିଲା ଏବଂ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଛନ୍ତି। ଛାତ୍ରୀଛାତ୍ରମାନେ ପାଢୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଗ୍ରାମବାସୀ ତାଙ୍କୁ ଅର୍ଥ ଦାନ କରି ଏବଂ ବିଦ୍ୟାଳୟ ପକ୍ଷରୁ ଉତ୍ତରୀୟ, ଛତା ଉପହାର ଦେଇ ସମ୍ମାନିତ କରା ଯାଇଥିଲା। ପ୍ରଧାନଶିକ୍ଷକ ଅନିଲ କୁମାର ସାହୁଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଦେଶୀ କୁମାର ପ୍ରହରାଜ, ସରପଞ୍ଚ ବିଶ୍ୱନାଥ କଡେ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଭାପତି ଦୁର୍ଯ୍ୟୋଧନ ପାତ୍ର, ପୂର୍ବତନ ସିଆରସିସି ଗଣେଶ ଚନ୍ଦ୍ର ଜେନା, ଶିକ୍ଷକ ଓକେ ମହାନ୍ତି, ସନ୍ତୋଷ ପାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଜଗନ୍ନାଥ ବଡନାୟକ ଧନ୍ୟବାଦ ଦେଇଥିଲେ।

# ଉମରକୋଟରେ ସ୍ୱାୟତ୍ତ ଶାସନ ଦିବସ

ଉମରକୋଟ, ୩୧।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦ ପକ୍ଷରୁ ଶୁକ୍ରବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭୋର ୪ଟାରେ ସହରର ସମସ୍ତ ଅଞ୍ଚଳରେ ଗାଡି ଦ୍ୱାରା ରାମଧୁନ ପରିବେଷଣ କରାଯାଇଥିଲା। ଏଥିରେ ପୌର ପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପୌର ପରିଷଦ ଅଧ୍ୟକ୍ଷା ପିଙ୍କି ଅଗ୍ରୱାଲ, ଉପାଧ୍ୟକ୍ଷା ଶିଶିର ନାୟକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସାଦ ରାଓ ପ୍ରମୁଖ ସହରସ୍ଥିତ ମହାତ୍ମା ଗାନ୍ଧୀ, ଗୋପବନ୍ଧୁ ଦାସ, ଡ.ଆମ୍ବେଡକରଙ୍କ ସମେତ ସ୍ୱାଧୀନତା ସଂଗ୍ରାମୀ ରବି ସିଂ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷା ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟାଳୟ ପରିସରରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏଥିରେ ସମସ୍ତ ୱାର୍ଡ କାଉନ୍‌ସିଲର ଯୋଗଦେଇଥିଲେ। ୧୯୭ ଜଣଙ୍କୁ ମଧୁବାବୁ ପେନ୍‌ସନ୍, ହରିଶ୍ଚନ୍ଦ୍ର ଯୋଜନାରେ ୭ ହିତାଧିକାରୀଙ୍କୁ ଅର୍ଥ ପ୍ରଦାନ କରାଯାଇଥିଲା। କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଓ ୨୦୧୭-୧୮ରେ ପୌର ପରିଷଦ ପକ୍ଷରୁ ନିଆଯାଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସଫେଇ କର୍ମଚାରୀଙ୍କୁ ଶାଢି, ଡ୍ରେସ୍ ପ୍ରଦାନ କରାଯାଇଥିଲା। ସଭା ପରେ ସମସ୍ତ ଅତିଥି ଓ କର୍ମଚାରୀ ଜେଲ୍‌କୁ ଯାଇ ଅନ୍ତେବାସୀଙ୍କୁ ଫଳ ବାଣ୍ଟିଥିଲେ।



ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଅତିଥିମାନେ।

■ ପାପଡ଼ାହାଣ୍ଡିରେ ବିଜେଡିର ବୈଠକ

# ଡାବୁଗାଁରେ ଦଳକୁ ବିଜୟୀ କରିବାକୁ ଆହ୍ୱାନ

**କଂଗ୍ରେସ, ଭାଜପା ଛାଡି ୫୦୦ କର୍ମୀ ବିଜେଡିରେ ସାମିଲ**

ପାପଡାହାଣ୍ଡି,୩୧।୮(ଡି.ଏନ୍.ଏ.)

ପାପପଡାହାଣ୍ଡି ବ୍ଲକ ଡାକ ବଙ୍ଗଳା ନିକଟରେ ଶୁକ୍ରବାର ବିଜେଡି ପକ୍ଷରୁ ଡାବୁଗାଁ ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ପ୍ରହଲ୍ଲାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ନବରଙ୍ଗପୁର ଜିଲା ଗଠନ ପରେ ଆଦିବାସୀଙ୍କ ଉନ୍ନତି ପାଇଁ ସ୍ୱର୍ଗତ ବିଜୁବାବୁ ସ୍ୱପ୍ନ ଦେଖୁଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାହାକୁ ସାକାର କରିଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ଆଗାମୀ ନିର୍ବାଚନରେ ଡାବୁଗାଁରେ ବିଜେଡିକୁ ବିଜୟୀ କରିବା ପାଇଁ କର୍ମୀମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଧାୟକ ସଞ୍ଜୟ ଦାସ ବର୍ମା ଯୋଗଦେଇ ଥିଲେ। ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରି, ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ଓ ସୋମନାଥ ବିଶୋୟୀ, ଏମପି ବଳଭଦ୍ର ମାଝି ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇ ଆଦିବାସୀଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ଦେଇଥିଲେ। ଏହି ଅବସରରେ କଂଗ୍ରେସ ଓ ଭାଜପାର ୫୦୦ରୁ ଊର୍ଦ୍ଧ୍ୱ କର୍ମୀ ଦଳ ଛାଡି ବିଜେଡିରେ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତ୍ରା, ଉପାଧ୍ୟକ୍ଷା ନିବେଦିତା ମହାନ୍ତି, ଜିଲା ଯୁବ ବିଜେଡି ସଭାପତି ଶିବାନନ୍ଦ ବିଶୋୟୀ, ବ୍ଲକ ଅଧ୍ୟକ୍ଷା ସେବତୀ ସାନ୍ତା, ଉପାଧ୍ୟକ୍ଷ ତ୍ରିନାଥ ପ୍ରଧାନ, ପ୍ରକାଶ ମାଝି, ଆଦିବାସୀ ବିକାଶ ପରିଷଦ ଉପାଧ୍ୟକ୍ଷା ମଞ୍ଜୁଳା ମାଝି, ନାରାୟଣ ପାତ୍ର, ଡାବୁଗାଁ ବିଜେଡି ବ୍ଲକ ସଭାପତି ସୁରୀ ମିଶ୍ର, ବ୍ଲକ ବିଜେଡି ସଭାପତି ବିଦ୍ୟାଧର ମଲ୍ଲିକ, ଏମ ଆପ୍ପା ରାଓ, ଏମ୍‌ପି ପ୍ରତିନିଧି, ସ୍ୱାଧୀନ ପଟ୍ଟନାୟକ, ବଦ୍ରୀ ନାରାୟଣ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଡାବୁଗାଁ, ପାପଡାହାଣ୍ଡି ଓ କୋଷାଗୁମୁଡା ଅଞ୍ଚଳର ୩ ହଜାରରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ଯୋଗଦେଇ ଥିଲେ। ମନ୍ତ୍ରୀ ପ୍ରତିନିଧି ପ୍ରମୋଦ ପାଢୀ ମଞ୍ଚ ପରିଚାଳନା କରିଥିଲେ।




ବୈଠକରେ ଉପସ୍ଥିତ ଅତିଥି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇବ ସହଳ, ଶୋଇବ ଆଗେ**
**ଉଠିବ ସକାଳେ, ଚାଲିବ ବେଗେ ।**

ରାତ୍ରିର ଖାଦ୍ୟ ଶୀଘ୍ର ଖାଇ ଶୀଘ୍ର ବିଛଣାକୁ ଯିବା ଉଚିତ୍। ଶୀଘ୍ର ଶୋଇଲେ ବଡ଼ିଭୋର୍‌ରୁ ନିଦ ଭାଙ୍ଗିଯାଇଥାଏ। ସେହିପରି ଅତି ସକାଳୁ ଉଠି ବାହାରେ ଚଲାବୁଲା କଲେ ଦେହ ସୁସ୍ଥ ରହିଥାଏ। ବ୍ୟକ୍ତି ସୁସ୍ଥ ନୀରୋଗ ରହିବା ପାଇଁ ଏପରି ଦିନଚର୍ଯ୍ୟା କରିବା ଉଚିତ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

**ଖଉରିଆ ମୁଣ୍ଡେ ଖୋଷା**
**ଟାଣୁଆ ଗାଲକୁ ବଣ ହଳଦୀ**
**ମାରି ଦେଉଅଛି ତୁଚ୍ଛା !**

ଯୁବତୀମାନେ ବେଶ ପରିପାଟୀ ହୋଇ ନିଜକୁ ଅନ୍ୟ ଆଗରେ ଦେଖେଇ ହେବାରେ ଆନନ୍ଦ ପାଇଥାନ୍ତି। ଏପରିସ୍ଥଳେ ଗାଉଁଲି ଯୁବତୀର ଫେଶନ ବା ବିଚିତ୍ର ବେଶ ପରିପାଟୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ rgdselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ବିପିନ



@ ତୁଷାର



@ ତରୁଣ



@ ଦିପକ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | rgdselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ସଂକ୍ଷେପରେ

### ଶିକ୍ଷକ ସଂଘ ବୈଠକ

ବୈପାରୀଗୁଡ଼ା,୩୧।୮(ଡି.ଏନ୍.ଏ.): ବୈପାରୀଗୁଡ଼ା ବ୍ଲକ ମିଳିତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସ୍ଥାନୀୟ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଆସନ୍ତା ୯ ଓ ୧୬ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ଆନ୍ଦୋଳନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଆବାହକ ଦେବୀପ୍ରସାଦ ମହାନ୍ତି ଓ ସଂପାଦକ ସୁରେନ୍ଦ୍ର ଖରାଙ୍କ ନେତୃତ୍ୱରେ ଜିଲା ପରିଷଦ ଶିକ୍ଷକ, ଶିକ୍ଷା ସହାୟକ, କନିଷ୍ଠ ଶିକ୍ଷକ, ଭାଷା ଶିକ୍ଷକ ଯୋଗ ଦେଇଥିଲେ । ବୈଠକରେ ଆଗାମୀ ଆନ୍ଦୋଳନର ଲକ୍ଷ୍ୟ ହେଉଛି ପ୍ରାଥମିକ ଶିକ୍ଷକଙ୍କୁ ଯୋଗ୍ୟତା ଅନୁଯାୟୀ ଗ୍ରେଡ୍ ପେ ୨ ହଜାର ୮ ଶହ ଟଙ୍କାକୁ ବୃଦ୍ଧି, ସପ୍ତମ ବେତନ ସ୍ଥିରୀକୃତ କରିବା, ଶିକ୍ଷା ସହାୟକଙ୍କ ବାର୍ଷିକ ଦରମାର ୨୫ % ବୃଦ୍ଧି କରିବା । ସରକାରଙ୍କ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତିରେ ଶିକ୍ଷକ ସମାଜ କ୍ଷୁବ୍ଧ ହୋଇ ଜିଲା ଓ ରାଜ୍ୟସ୍ତରରେ ହେବାକୁ ଥିବା ଆନ୍ଦୋଳନରେ ପୂର୍ଣ୍ଣ ସହଯୋଗ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା ।

### ନାଳରୁ କିଶୋରଙ୍କ ମୃତଦେହ ଉଦ୍ଧାର

ବୋରିଗୁମ୍ମା,୩୧।୮(ଡି.ଏନ୍.ଏ.): କୋରାପୁଟ ଜିଲା ବି.ସିଂହପୁର ଥାନା ଅନ୍ତର୍ଗତ ବୋରିଗୁମ୍ମା ରଣସପୁର ପଞ୍ଚାୟତ ଜାନୀଗୁଡ଼ା ଗ୍ରାମ ନିକଟସ୍ଥ ନାଳରୁ ଅଗ୍ନିଶମ ବିଭାଗ ଜଣେ କିଶୋରଙ୍କ ମୃତଦେହ ଉଦ୍ଧାର କରିଛି । ମୃତକଙ୍କ ନାମ ବିପିନ ମୁଦୁଲି(୧୮) , ତାଙ୍କ ଘର ଜାନୀଗୁଡ଼ା । ଶୁକ୍ରବାର ମଧ୍ୟାହ୍ନରେ ବିପିନ ଗ୍ରାମ ନିକଟସ୍ଥ ନାଳକୁ ଗାଧୋଇବା ପାଇଁ ଯାଇଥିଲେ । ନାଳର ସ୍ରୋତ ପ୍ରଖର ଥିବାରୁ ସେ ଭାସିଯାଇଥିଲେ । ଏନେଇ ବୋରିଗୁମ୍ମା ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା । ନାରାୟଣ ସାହୁଙ୍କ ନେତୃତ୍ୱରେ ଦଳ ଉଦ୍ଧାରକାର୍ଯ୍ୟ କରିଥିଲେ । ସନ୍ଧ୍ୟାରେ ବିପିନଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି । ଉଦ୍ଧାରକାରୀ ଦଳରେ ଅକ୍ଷୟ ସ୍ୱାଇଁ, ଅଭିମୁନ୍ୟ କାଣ୍ଡି, ବିଘ୍ନେଶ୍ୱର ସେଠିଆ, ପୁରୁ ଶବର. ମାନସ ରଞ୍ଜନ ବେହେରା, ପି. ସୁରେଶ ପ୍ରମୁଖ ସାମିଲ ଥିଲେ ।

### ମରଣାନ୍ତକ ଆକ୍ରମଣ କରି ଜଣେ ଗିରଫ

କୋରାପୁଟ,୩୧।୮(ସ୍ୱ.ପ୍ର.): କୋରାପୁଟ ସଦର ଥାନା ଅନ୍ତର୍ଗତ ବାସପୁଟ ଗ୍ରାମରେ ମରଣାନ୍ତକ ଆକ୍ରମଣ ଘଟଣାରେ ଜଣେ ଗିରଫ ହୋଇଛନ୍ତି । ବାସପୁଟର ମଧୁ କମାରଙ୍କଠାରୁ କୌଣସି କାର୍ଯ୍ୟ ପାଇଁ ମକର କୁମାର ଦୁଇ ବର୍ଷ ତଳେ ୧୮ ହଜାର ଟଙ୍କା ନେଇଥିଲେ । ମଧୁ ଟଙ୍କା ମାଗିବାରୁ ମକର ଏଥିରେ ରାଗିଯାଇ ତାଙ୍କୁ ହତିଆରରେ ଆକ୍ରମଣ କରିଥିଲେ । ମଧୁ ଏଥିରେ ଗୁରୁତର ହୋଇ କୋରାପୁଟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଏ ନେଇ କୋରାପୁଟ ସଦର ଥାନାରେ କେସ୍ ନଂ ୮୩/୨୦୧୮ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମକର କୁମାରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ।

### ଯାନବାହନ ଧରପଗଡ଼: ୩୮ ମାମଲା ରୁଜୁ

କୋରାପୁଟ,୩୧।୮(ସ୍ୱ.ପ୍ର.): କୋରାପୁଟ ସଦର ଥାନା ପକ୍ଷରୁ ଶୁକ୍ରବାର ମହାଦେଇପୁଟ ଓ ବାଗ୍ରା ଗ୍ରାମ ଛକଠାରେ ବେଆଇନ ଯାନବାହାନ ଧରପଗଡ କରାଯାଇଛି । ଥାନା ସବଇନ୍ସପେକ୍ଟର ନଟବର ନନ୍ଦଙ୍କ ନେତୃତ୍ୱରେ କରାଯାଇଥିବା ଏହି ଧରପଗଡ଼ରେ ୩୮ଟି ମାମଲା ରୁଜୁ କରାଯାଇ ୬ ହଜାର ୬୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ଏହା ବ୍ୟତୀତ ୫ ଟି ଡ୍ରାଇଭିଂ ଲାଇସେନ୍ସ ନାକଚ ହୋଇଥିଲା ।

### ୨୯୦ ଜଣଙ୍କୁ ମିଳିଲା ବିଭିନ୍ନ ଭତ୍ତା

କୋରାପୁଟ/ଅନକାଡେଲି, ୩୧।୮(ସ୍ୱ.ପ୍ର.): ଲମତାପୁଟ ବ୍ଲକ ଚିକେନପୁଟ ପଞ୍ଚାୟତରେ ଶୁକ୍ରବାର ଏକ କାର୍ଯ୍ୟକ୍ରମରେ ୨୮୬ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ୪ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଇଛି । ଲମତାପୁଟ ବ୍ଲକ ଗୁନେଇପଡ଼ା, ଚିକେନପୁଟ, ବାଦିଗୁଡ଼ା ଓ ଅନକାଡେଲି ଗ୍ରାମପଞ୍ଚାୟତର ୨୮୬ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇଛି । ୪ ଜଣ ଭିନ୍ନକ୍ଷମ ଭତ୍ତା, ୧୦ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ୪ ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଛି । ବିଡିଓ ସୌମ୍ୟ ସାର୍ଥକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏହା ହିତାଧିକାରୀଙ୍କୁ ଦିଆଯାଇଛି । ଏହି ଅବସରରେ ଜିପିଓ ଶ୍ରୀନିବାସ ପଟ୍ଟନାୟକ, ଏସିଓ ସୁମିତ୍ରା ଖରା, ଜିଲା ପରିଷଦ ଉପାଧ୍ୟକ୍ଷା ତୁଳସୀ କିର୍ସାନୀ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ ଓ ପିଏସଏନ ମୂର୍ତ୍ତି ଯୋଗ ଦେଇଥିଲେ ।

# ଠିକାଦାରିକୁ ନେଇ ତେଜିଲା ରାଜନୀତି

## ■ ସରପଞ୍ଚ, ସମିତିସଭ୍ୟଙ୍କ ସହ ୪ ଶହ କର୍ମୀ ବିଜେଡି ଛାଡ଼ିଲେ

ବୈପାରୀଗୁଡ଼ା,୩୧।୮(ଡି.ଏନ୍.ଏ.)

ବୈପାରୀଗୁଡ଼ା ବ୍ଲକ ପେନ୍ଦାପଡା ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ଠିକାଦାରୀକୁ ନେଇ ସ୍ଥାନୀୟ ରାଜନୀତି ସରଗରମ ହୋଇଛି । ଉକ୍ତ ପଞ୍ଚାୟତରେ ଏବେ ବିଜେଡି ଦଳର ସରପଞ୍ଚ ଓ ସମିତିସଭ୍ୟ ଥିବାବେଳେ ଅନ୍ୟ ପଞ୍ଚାୟତର ଜଣେ କଂଗ୍ରେସ କର୍ମୀଙ୍କୁ ଏହାର ଠିକାଦାରୀ ଦାୟିତ୍ୱ ଦିଆଯିବା ଘଟଣାକୁ ବିରୋଧ କରି ଶୁକ୍ରବାର ପ୍ରାୟ ୪ ଶହ କର୍ମୀ ବିଜେଡି ଛାଡ଼ିଛନ୍ତି ।

ନୂତନ ଭାବେ ଗଠନ ହୋଇଥିବା ପେନ୍ଦାପଡା ପଞ୍ଚାୟତର କାର୍ଯ୍ୟାଳୟ ଗୃହ ପାଇଁ ୩୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଏଠାରେ ସରପଞ୍ଚ ଓ ସମିତିସଭ୍ୟ ବିଜେଡି ସମର୍ଥିତ ଥିବାବେଳେ ଉକ୍ତ କାମ ଅନ୍ୟ ପଞ୍ଚାୟତର ଜଣେ କଂଗ୍ରେସ କର୍ମୀ କରୁଥିବା ସେମାନେ ଅଭିଯୋଗ କରିଛନ୍ତି । ସେମାନେ ଦଳର ବ୍ଲକ ଓ ଜିଲାସ୍ତରୀୟ ନେତାଙ୍କୁ ଏନେଇ ଜଣାଇଥିଲେ । କିଛି ଫରକ ନ ପଡ଼ିବାରୁ ସେମାନେ ଦଳରୁ ଇସ୍ତଫା ଦେଇଛନ୍ତି । ଶୁକ୍ରବାର ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମୀମାନେ ଇସ୍ତଫା ସୂଚନା ଦେଇଛନ୍ତି । ସେମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଲଚ୍ଛମା କାକଲପଡିଆ ଓ ସମିତି ସଭ୍ୟ ତ୍ରିପତି ଡମ୍ବ ରହିଛନ୍ତି । ସମ୍ମିଳନୀରେ ବ୍ଲକ ବିଜେଡି ନେତା ମୁନା ମହାପାତ୍ର, ସାଥିରାମ ନାୟକ ଓ ଜିଲା ପରିଷଦ ସଭ୍ୟା ହିରାମଣି ପୂଜାରୀ ଉପସ୍ଥିତ ଥିଲେ ।

ଏଠାରେ ସୂଚନାଯୋଗ୍ୟ ଯେ ଗତ ୨୭ ତାରିଖ 'ଧରିତ୍ରୀ'ରେ 'ଖୋଲାଖୋଲି ଚାଲିଛି ପିସି କାରବାର' ଶୀର୍ଷକ ଖବର ପ୍ରକାଶ ପାଇଥିଲା । ଏଥିରେ ବ୍ଲକର ପେନ୍ଦାପଡ଼ା ଓ ଚେରକା ପଞ୍ଚାୟତରେ ୩୫ ଲକ୍ଷ ଅଟକଳର ନୂତନ କାର୍ଯ୍ୟାଳୟ ଗୃହ ଓ ଦଶମନ୍ତପୁରରେ ୩୫ ଲକ୍ଷ ବ୍ୟୟ ଅଟକଳରେ କଲ୍ୟାଣ ମଣ୍ଡପ ନିର୍ମାଣ କାମ ବିନା ଟେଣ୍ଡରରେ ଠିକାଦାରଙ୍କ ସହ ସଲାସୁତରାରେ ଚାଲିଥିବା ପ୍ରକାଶ ପାଇଥିଲା । ଏହା ସହ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅଟକଳରେ କୋଠାଘର ନିର୍ମାଣ ଟେଣ୍ଡର ମାଧ୍ୟମରେ ହେବା ନିୟମକୁ ମଧ୍ୟ ଏଠାରେ ଉଲ୍ଲଂଘନ କରାଯାଉଥିବା ପ୍ରକାଶ ପାଇଥିଲା । ସେ ସବୁ କାମ ଡିପାର୍ଟମେଣ୍ଟ କରୁଥିବା ବିଡିଓ ମତ ଦେଇଥିଲେ । ତେବେ ଶୁକ୍ରବାର ଏହି ରାଜନୈତିକ ବିସ୍ଫୋରଣ ପରେ ବ୍ଲକ ପ୍ରଶାସନର ପ୍ରକୃତ ଚେହେରା ପଦାରେ ପଡ଼ିଛି ।



ଇସ୍ତଫା ଦେଇଥିବା ବିଜେଡି କର୍ମୀ ।

## ■ ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା

# ପୁନର୍ନିର୍ମାଣ ଦାବିରେ ଘଣ୍ଟିକିଆ ରାସ୍ତାରୋକୋ

ଜୟପୁର,୩୧।୮(ଡି.ଏନ୍.ଏ./ନି.ପ୍ର.)

ଜୟପୁର ମଧ୍ୟଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ବାରିଣିପୁଟରୁ ଉମୁରି ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି । ବାରମ୍ବାର ଦାବି କରିବା ପରେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହାର ପୁନର୍ନିର୍ମାଣ କିମ୍ବା ମରାମତି କରୁନାହାନ୍ତି । ଏହାର ତୁରନ୍ତ ମରାମତି ଦାବିରେ ଶୁକ୍ରବାର ଯୁବ ଓ ଛାତ୍ର ବିଜେଡି ସ୍ଥାନୀୟ ବସଷ୍ଟାଣ୍ଡ ଟ୍ରାଫିକ ଛକରେ ଏକଘଣ୍ଟିଆ ରାସ୍ତାରୋକୋ କରିଛନ୍ତି । ଉଭୟ ଶାଖାର କର୍ମୀମାନେ ପୂର୍ବାହ୍ନରେ ରାଜପଥ ଉପରେ ଧାରଣା ଦେଇଥିଲେ । ଫଳରେ ରାସ୍ତାର ଉଭୟ ପଟେ ଶତାଧିକ ଗାଡ଼ି ଅଟକି ରହିଥିଲା ।

କୋରାପୁଟ ଜିଲାର ଜୟପୁର ସହର ମୁଖ୍ୟରାସ୍ତା ହୋଇଥିବା ବେଳେ ଏହି ରାସ୍ତା ଦେଇ ହଜାର ହଜାର ସଂଖ୍ୟାରେ ଭାରୀଯାନ ସମେତ ଅନ୍ୟ ଗାଡ଼ି ଚଳାଚଳ କରୁଛି । କିନ୍ତୁ ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁଁ ପ୍ରତ୍ୟେକ ବର୍ଷ ବର୍ଷା ଫଳରେ ରାସ୍ତା ଖରାପ ହେଉଛି । ରାସ୍ତାରେ ବଡ଼ ବଡ଼ ଗାତ ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି । ତେଣୁ କେବଳ ଗାତ ଓ ଖାଲ ମରାମତି କରିବା ବଦଳରେ ନୂତନ ଭାବେ ଏହି ରାସ୍ତାକୁ ଉନ୍ନତ ମାନରେ ନିର୍ମାଣ କରିବା ପାଇଁ ବିଜେଡି ଦାବି କରିଥିଲା । ଗାନ୍ଧୀ ଛକରୁ ଟ୍ରାଫିକ ଛକ ପର୍ଯ୍ୟନ୍ତ ନିର୍ମିତ ହୋଇଥିବା ଡିଭାଇଡର ଯୋଗୁଁ ବହୁ ଦୁର୍ଘଟଣା ଘଟୁଛି । ତେଣୁ ଏହି ଡିଭାଇଡରରେ ରିଲିଂ ଗେଟ୍, ଇଣ୍ଡିକେଟର ଲଗାଇବା ପାଇଁ ମଧ୍ୟ ଦାବି ହୋଇଛି । ୭ ଦିନ ଭିତରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ନହେଲେ ଜାତୀୟ ରାଜପଥ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛି ବିଜେଡି । ଖବରପାଇ ଉପଜିଲାପାଳ ଲୋକନାଥ ଦଳବେହେରା ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ସହ ବର୍ଷା କମିଲେ ରାସ୍ତା ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଉପଜିଲାପାଳ କହିଛନ୍ତି, ରାସ୍ତା ଖରାପ ରହିଛି । ନିର୍ମାଣ ପାଇଁ ଜାତୀୟ ରାଜପଥ ଟେଣ୍ଡର ମଧ୍ୟ କରିଛି, କିନ୍ତୁ ଚୁକ୍ତିନାମା ହୋଇନାହିଁ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରି ରାସ୍ତା କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବ । ଧାରଣାରେ ଯୁବ ବିଜେଡିର ସୁକାନ୍ତ ତ୍ରିପାଠୀ, ରାଜେଶ ତ୍ରିପାଠୀ, ସହଦେବ ପଟ୍ଟନାୟକ, ଶିବରାଜ କନ୍ଧପାନ, ଧର୍ମେନ୍ଦ୍ର ଅଧିକାରୀ, ଟୁଟୁ ନନ୍ଦ, ରାଜେଶ ପାଢ଼ୀ, ଟୁଟୁ ନନ୍ଦ, ତୁଳସୀ ରାଓ, ବିକାଶ ପାତ୍ର, କ୍ଷୀତିଶ ସାହୁ ଯୋଗ ଦେଇଥିଲେ ।

## ଧାରଣାରେ ବସିଲା ଯୁବ ଓ ଛାତ୍ର ବିଜେଡି



ଧାରଣାରେ ବସିଛନ୍ତି ବିଜେଡି କର୍ମୀ ।

# ପୌରସଂସ୍ଥା ପାଳିଲା ସ୍ୱାୟତ୍ତ ଶାସନ ଦିବସ



ଏମ୍‌ପି ଝିନ୍ନ ହିକ୍‌କା ପୌରଉପାଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ଜୟପୁର,୩୧।୮(ଡି.ଏନ୍.ଏ./ନି.ପ୍ର.)

ସ୍ଥାନୀୟ ପୌରସଂସ୍ଥା କାର୍ଯ୍ୟାଳୟରେ ଶୁକ୍ରବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି । ପୌରନିର୍ବାହୀ ଅଧିକାରୀ ସଞ୍ଜୟ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଆର. ପଦ୍ମା ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଏମ୍‌ପି ଝିନ୍ନ ହିକ୍‌କା ଓ ସମ୍ମାନିତ ଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ସହର ସଫେଇ ଓ ପରିମଳ ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରେଷ୍ଠ କର୍ମଚାରୀ, ଝାଡୁଦାର ଏବଂ ଟିକସ ଆଦାୟକାରୀଙ୍କୁ ଏଥିରେ ପୁରସ୍କୃତ କରାଯାଇଥିଲା । ସେହିପରି ପିଲାଙ୍କୁ ମିଷ୍ଟାନ୍ନ ବଣ୍ଟନ, ପୌର ଝାଡୁଦାରଙ୍କୁ ପୋଷାକ, ହିତାଧିକାରୀଙ୍କୁ ଭତ୍ତା, ସାହି ବୁଲା ବିକ୍ରେତାଙ୍କୁ ପରିଚୟ ପତ୍ର, ରାଶନକାର୍ଡଧାରୀ ବସ୍ତି ବାସିନ୍ଦାଙ୍କୁ ଦୁଇଟି ଲେଖାଏଁ ଡଷ୍ଟବିନ୍ ଦିଆଯାଇଥିଲା । ପୌର କାର୍ଯ୍ୟାଳୟ ପରିସରରେ ନୂତନ ଭାବେ ନିର୍ମିତ ଦୋକାନ ଗୃହ ଉଦ୍‌ଘାଟିତ ହୋଇଥିଲା । ଏହି ଅବସରରେ ସମସ୍ତ କାଉନସିଲରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପୌରସ୍ୱାସ୍ଥ୍ୟ ଅଧିକାରୀ ଡା. ଅରୁଣ ପାଢ଼ୀ, ଯନ୍ତ୍ରୀ ରେଣୁକା ଠାକୁର, କାଉନସିଲର ନବୀନ ପାତ୍ର, ଯଶପାଲ ସିଂ, ମନୋଜ ବେହେରା, ବାଦଲ ସାନ୍ତ୍ରାପାତ୍ର, ରାଧା ମୋହନ ଗୌଡ଼, ମଧୁସ୍ମିତା ଅଧିକାରୀ, ବି. ସୁନିତା, ସୁବର୍ଣ୍ଣ ଭୂମିଆ ଉପସ୍ଥିତ ଥିଲେ ।

# ଚାରା ରୋପିଲେ କବ୍ ବୁଲ୍‌ବୁଲ୍

ଦାମନଯୋଡି,୩୧।୮(ଡି.ଏନ୍.ଏ.)

ଦାମନଯୋଡି ନାଲ୍‌କୋ ଶିଳ୍ପାଞ୍ଚଳସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ସେକ୍ଟର ୨ ବିଭାଗ ତରଫରୁ ଅଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସରେ କବ ବୁଲ୍‌ବୁଲଙ୍କ ଦ୍ୱାରା ଚାରା ରୋପଣ କରାଯାଇଛି । ଏଥିରେ ବିଦ୍ୟାଳୟର ୩୦ ଜଣ କବ୍ ବୁଲ୍‌ବୁଲ୍ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ଏବଂ ସଜନା, ଅଁଳା, ଅମୃତ ଭଣ୍ଡା, ଆମ୍ବ ପିଜୁଳି, ଜାମୁକୋଳି ଚାରା ରୋପଣ କରିଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ଗାଇଡ୍ କ୍ୟାପଟେନ ସୁନନ୍ଦା ଦେବୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା । ଏଥିରେ ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ଦାଶ, ପଲ୍ଲବୀ ପଣ୍ଡା ଓ ଶାନ୍ତିଲତା ମହାରଣା ସହଯୋଗ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଭାଂଶୁ ଶେଖର ବାହିନୀପତି ପିଲାମାନଙ୍କୁ ଉତ୍ସାହିତ କରିବା ସହିତ ଉଚ୍ଚ ପ୍ରଶଂସା କରିଥିଲେ ।



## ■ କଲଭର୍ଟରେ ଧକ୍କାଖାଇ ଗଛରେ ପିଟିହେଲା କାର୍

# ଦୁର୍ଘଟଣାରେ ଆଖି ବୁଜିଲେ ଦମ୍ପତି

ବୈପାରୀଗୁଡ଼ା/ମାଲକାନଗିରି, ୩୧।୮(ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ଟାପାଯୋଡ଼ି ନିକଟରେ ଗୁରୁବାର ମଧ୍ୟରାତ୍ରିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । କାର୍‌ରେ ଫେରୁଥିବା ବେଳେ ତାହା ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ସ୍ୱାମୀ-ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି । ମୃତକମାନେ ହେଲେ ମାଲକାନଗିରି ଜିଲା ଲାଟିଆଗୁଡ଼ା ଗ୍ରାମର ଚୈତନ୍ୟ ମହାନ୍ତି (୬୩) ଓ ତାଙ୍କ ପତ୍ନୀ ବିଦ୍ୟୁତଲତା ମହାନ୍ତି (୫୮) ।

ପ୍ରକାଶ ଯେ, ଚୈତନ୍ୟଙ୍କ ପରିବାର ଗୁରୁବାର ମଧ୍ୟରାତ୍ରିରେ କାର (ଓଡି ୩୦ ଏ ୮୦୦୧) ଯୋଗେ କଟକରୁ ଘରକୁ ଫେରୁଥିଲେ । ବୈପାରୀଗୁଡ଼ା-ମାଲକାନଗିରି ରାସ୍ତାର ଟାପାଯୋଡ଼ି ନିକଟରେ ଚାଳକ ନିୟନ୍ତ୍ରଣ ହରାଇବାରୁ କାର୍‌ଟି ପ୍ରଥମେ ଏକ କଲଭର୍ଟକୁ ପିଟି ହେବାପରେ ଗଛକୁ ଧକ୍କା ଦେଇଥିଲା । ଏଥିରେ କାର୍‌ର ବାହାର ପଟୁ ଲକ୍ ପଡ଼ିଯାଇଥିଲା । ଦୀର୍ଘ ସମୟ ପରେ ସେଇବାଟ ଦେଇ ଯାଉଥିବା ଗୋଟିଏ ବସ୍ ଓ କେତେକ ସ୍ଥାନୀୟ ସ୍ୱେଚ୍ଛାସେବୀ ଯୁବକ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ । ତେବେ ଘଟଣାସ୍ଥଳରେ ଚୈତନ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ ପତ୍ନୀ ବିଦ୍ୟୁତଲତାଙ୍କୁ ଗୁରୁତର ଅବସ୍ଥାରେ ଜୟପୁର ମେଡିକାଲ ନିଆଯାଉଥିଲା । କିନ୍ତୁ ବାଟରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା । ଗାଡ଼ିରେ ଥିବା ପୁଅ ବିପ୍ରଚରଣ (୩୨) ମଧ୍ୟ ଆହତ ହୋଇଛନ୍ତି । ଝିଅ ଓ ଗାଡ଼ି ଚାଳକ କୌଣସିମତେ ସୁରକ୍ଷିତ ରହିଥିଲେ । ବିଦ୍ୟୁତଲତାଙ୍କ ଚିକିତ୍ସା ପାଇଁ ଚୈତନ୍ୟଙ୍କ ପରିବାର କଟକ ମେଡିକାଲ ଯାଇଥିଲେ । ଫେରିବା ବେଳେ ଏଭଳି ଅଘଟଣ ଘଟିଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଦୁଇଦିନ ତଳେ ବୈପାରୀଗୁଡ଼ା-ମାଲକାନଗିରି ରାସ୍ତାରେ ଏକ ବୋଲେରୋ ଧକ୍କାରେ ୨ ଜଣ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିଲା ।

# ଭୋଟର ତାଲିକା ସଂଶୋଧନ ପାଇଁ ସର୍ବଦଳୀୟ ବୈଠକ



ଭୋଟର ତାଲିକା ସଂଶୋଧନ ପାଇଁ ସବୁ ରାଜନୈତିକ ଦଳର କର୍ମକର୍ତ୍ତା ।

କୋରାପୁଟ,୩୧।୮(ସ୍ୱ.ପ୍ର.)

କୋରାପୁଟସ୍ଥିତ ଡିଆରଡିଏ ସଦଭାବନା ସଭାଗୃହ ପରିସରରେ ଭୋଟର ତାଲିକା ସଂଶୋଧନ ପାଇଁ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ଅତିରିକ୍ତ ଜିଲାପାଳ ସୁଜାତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା କଂଗ୍ରେସ କମିଟି ଅଧ୍ୟକ୍ଷା ମିନାକ୍ଷୀ ବାହିନୀପତି, ପୌରାଧ୍ୟକ୍ଷ ଭଗବାନ ବାହିନୀପତି, ବିଜେଡିର ସୀମାଞ୍ଚଳ ମିଶ୍ର, ଭାଜପା ଜିଲା ସଭାପତି ବିଜୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ । ସେପ୍ଟେମ୍ବର ୧ରେ ଚିଠା ଭୋଟର ତାଲିକା ପ୍ରକାଶିତ ହେବା ପରେ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଫର୍ମ ଦାଖଲର ସମୟ ସୀମା ରହିଥିବା କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁର ସୂଚନା ଦେଇଥିଲେ । ସେହିପରି ଜାନୁଆରୀ ୪ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହେବ ବୋଲି ଉପଜିଲାପାଳ କହିଛନ୍ତି ।

## ■ କେସିସି ବ୍ୟାଙ୍କ ପରିଚାଳନା କମିଟି ବୈଠକ ସଭାନେତ୍ରୀଙ୍କ କାର୍ଯ୍ୟକୁ ନେଇ ହୋହଲ୍ଲା

ଜୟପୁର,୩୧।୮(ନି.ପ୍ର.)

କୋରପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ବ୍ୟାଙ୍କ କର୍ମଚାରୀଙ୍କ ୨୭ ଦଫା ଦାବି ଉପରେ ଆଲୋଚନା କରାଯାଇଥିଲା । ଏଥିରୁ ଗୋଟିଏ ଦାବି ଥିଲା ଯେ ବ୍ୟାଙ୍କ ସଭାନେତ୍ରୀଙ୍କ ଯୋଗୁଁ କାର୍ଯ୍ୟ ବ୍ୟାହତ ହେଉଛି । ଛୋଟବଡ଼ କାମରେ ସେ ହସ୍ତକ୍ଷେପ କରୁଛନ୍ତି । ଏହି ଦାବି ସମୟରେ ବିଜେଡି ନେତା ତଥା ସମନ୍ୱୟ କମିଟି ନିର୍ଦ୍ଦେଶକ ରମାକାନ୍ତ ରାଉଳ ମଧ୍ୟ ଏହାକୁ ସମର୍ଥନ କରିଥିଲେ । ଏହାକୁ ନେଇ ସଭାନେତ୍ରୀ ଓ ନିର୍ଦ୍ଦେଶକଙ୍କ ମଧ୍ୟରେ ହୋହଲ୍ଲା ହୋଇଥିଲା । ଜୟପୁର ନିର୍ବାଚନମଣ୍ଡଳୀର ଚାଷୀ ଓ ଋଣଗ୍ରହୀତାଙ୍କୁ ସଭାନେତ୍ରୀ ବ୍ୟାଙ୍କକୁ ଡକାଇ ନିଜେ ଚେକ ଦେଇ ରାଜନୀତିକରଣ କରିବା ଅନୁଚିତ ବୋଲି ନିର୍ଦ୍ଦେଶକ ରାଉଳ ମତ ରଖିଥିଲେ । ଏହାକୁ ବିଧାୟକ ତାରାପ୍ରସାଦ ବାହିନୀପତି ସମର୍ଥନ କରିଥିଲେ । ଆରବିଆଇ ଓ ଲିଡ ବ୍ୟାଙ୍କର ନିର୍ଦ୍ଦେଶ ରହିଛି ଯେ ଚାଷୀ କିମ୍ବା ଲୋନୀ ବ୍ୟାଙ୍କ ଆସି ଚେକ ଦ୍ୱାରା କାଉଣ୍ଟରରୁ ଟଙ୍କା ନେବେ । କିନ୍ତୁ ସଭାନେତ୍ରୀ ନିଜ ପଦବୀର ଅପବ୍ୟବହାର କରି ନିର୍ବାଚନ ମଣ୍ଡଳୀର ଲୋକଙ୍କୁ ଚିହ୍ନଟ କରି ନିଜେ ଟଙ୍କା ବାଣ୍ଟୁଛନ୍ତି । ତେଣୁ ଏହାକୁ ବୈଠକରେ ବିରୋଧ କରାଯାଇଥିଲା । ବୈଠକରେ ବ୍ୟାଙ୍କ ସଭାନେତ୍ରୀ ଇନ୍ଦିରା ନନ୍ଦ, ସମ୍ପାଦକ ଅନନ୍ତ ସାମଲ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ସହ ୧୪ ଜଣ ନିର୍ଦ୍ଦେଶକ ଉପସ୍ଥିତ ଥିଲେ । ପରେ ସଭାନେତ୍ରୀ ରାଗି ବୈଠକରୁ ଚାଲିଯାଇଥିଲେ ।

## ■ ସ୍ୱାୟତ୍ତ ଶାସନ ଦିବସରେ ଜିଲାପାଳଙ୍କ ଆହ୍ୱାନ

# 'ସହର ବିକାଶ ପ୍ରକ୍ରିୟାରେ ସାମିଲ ହୁଅନ୍ତୁ ବାସିନ୍ଦା'

କୋରାପୁଟ,୩୧।୮(ସ୍ୱ.ପ୍ର.)

କୋରାପୁଟ ପୌରସଂସ୍ଥା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଶୁକ୍ରବାର ପାଳିତ ହୋଇଛି । ସକାଳେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, ଉପାଧ୍ୟକ୍ଷା ସଂଜୁଲତା ରାଉତଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପୌର କାର୍ଯ୍ୟାଳୟରେ ଏମ୍‌ପି ଝିନ୍ନ ହିକ୍‌କା ମୁଖ୍ୟ ଅତିଥି ଭାବେ ପତାକା ଉତ୍ତୋଳନ କରି ସହରକୁ ସ୍ୱଚ୍ଛ ଓ ସୁନ୍ଦର କରି ଗଢ଼ି ତୋଳିବାକୁ ସହରବାସୀଙ୍କୁ ପରାମର୍ଶ ଦେଇଥିଲେ । ସ୍ଥାନୀୟ ଟାଉନହଲରେ ଆୟୋଜିତ ସଭାରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହରର ବିକାଶ ପ୍ରକ୍ରିୟାରେ ସାମିଲ ହେବା ପାଇଁ ସହରବାସୀଙ୍କୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, ଡୁଡା ନିର୍ଦ୍ଦେଶକ ମଧୁମିତା ନାୟକ, ଉପାଧ୍ୟକ୍ଷା ରାଉତ ଯୋଗ ଦେଇଥିଲେ । ଏହି ଅବସରରେ ପୌରସଂସ୍ଥାର ସ୍ମରଣିକା 'ବନଜା' ଉନ୍ମୋଚିତ ହୋଇଥିଲା । ଏହି ଦିବସ ଅବସରରେ କୋରାପୁଟ ନୂତନ ହାଟ ନିକଟରେ ଏକ ପରିସ୍ରାଗାର ଓ ହାଟର ଉନ୍ନତି ପାଇଁ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଶୁଭାରମ୍ଭ କରାଯିବା ସହ ଶ୍ରେଷ୍ଠ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା । ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ସହକାରୀ ଯନ୍ତ୍ରୀ ମନୋଜ ନାୟକ ଓ ଅନ୍ୟ କର୍ମଚାରୀ ଓ କାଉନସିଲର ଉପସ୍ଥିତ ଥିଲେ ।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

କୁନ୍ଦୁରା, ୩୧।୮(ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । କୁନ୍ଦୁରା ବ୍ଲକରେ ୨୦୧୭ ମସିହାରେ ୪ଟି ଗ୍ରାମପଞ୍ଚାୟତ ନବଗଠିତ ହୋଇଥିବାବେଳେ ଫୁପୁଗାଁଠାରେ ନୂତନ ଭାବେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ କୋଠା ନିର୍ମାଣ ନିମନ୍ତେ ଶୁଭ ଉଦ୍‌ଘାଟନ କରିଛନ୍ତି । ଏହା ପରେ ବିବାଦ ଘେରରେ ରହିଥିବା ବେଢ଼ାପାଉଁସୀ ଏବଂ ଇଟାହାଣ୍ଡି ମଧ୍ୟରେ ଥିବା କୋଲାବ ନଦୀରେ ସେତୁ ନିମନ୍ତେ ଶୁଭ ଦେବା ସହ ବିଜୁ ଯୁବ ବାହିନୀ ପକ୍ଷରୁ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କୁନ୍ଦୁରା ବ୍ଲକ୍ ସଦର ମହକୁମା ଉପକଣ୍ଠସ୍ଥିତ ବହୁ ପ୍ରତୀକ୍ଷିତ କୁଡୁମପଦର ଛକଠାରୁ ନାରଗାଓ ପର୍ଯ୍ୟନ୍ତ ପିଏମଜିଏସୱାଇରେ ନିର୍ମିତ ହେବାକୁ ଥିବା ରାସ୍ତା, କାଳିଆକଡ଼ାଠାରୁ ପଙ୍କଗୁଡା ପିଏମଜିଏସୱାଇ ରାସ୍ତା, ନବଗଠିତ ଗ୍ରାମପଞ୍ଚାୟତ ପଙ୍କଗୁଡା କାର୍ଯ୍ୟାଳୟ ନିମନ୍ତେ ଭିତ୍ତିପ୍ରସ୍ତର ଶୁଭ ଉଦ୍‌ଘାଟନ କରିଛନ୍ତି । ଦୀର୍ଘ ୫୦ବର୍ଷ ଧରି କୋଟପାଡ ବିଧାନସଭାମଣ୍ଡଳୀ କଂଗ୍ରେସର ଗଡ଼ ହୋଇରହିଥିବା ବେଳେ ବିଜେଡି ଏଠାରେ ପ୍ରଭାବ ବିସ୍ତାର କରିବା ପାଇଁ ଯୋଜନା କରୁଥିବା ଜଣାପଡ଼ିଛି । କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି ସଞ୍ଜୟ ସାହୁ, ଯୁବ ସଭାପତି ରମାକାନ୍ତ ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି ବୃନ୍ଦାବନ ମଲ୍ଲିକ, ଉପଦେଷ୍ଟା ରାଧାନାଥ ଭଞ୍ଜ, ବିଜୁ ଯୁବ ବାହିନୀ ଶିବାଶିଷ ପାତ୍ର, ବିଡିଓ ଶ୍ୱେତାସ୍ନିଗ୍ଧା ପ୍ରଧାନ, ନରେନ୍ଦ୍ର ପ୍ରଧାନ, ପଦ୍ମିନୀ ପ୍ରଧାନ ଏବଂ ସୁଧିର ଷଡ଼ଙ୍ଗୀ ଯୋଗ ଦେଇଥିଲେ ।



ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

## ସଂକ୍ଷେପରେ



### ମଦ ଜବତ,୨ ଗିରଫ

ମୁନିଗୁଡ଼ା, ୩୧।୮ (ଡ଼ି.ଏନ.ଏ): ମୁନିଗୁଡା ନିକଟସ୍ଥ ଝାମଲାଗୁଡା ମୁଖ୍ୟ ରାସ୍ତାରେ ପୋଲିସ ପାଟ୍ରୋଲିଂ ବେଳେ ୪ କାର୍ଟୁନ୍ ବିଦେଶୀ ମଦ ଜବତ କରିଛି । ଏଥିସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୁନିଗୁଡା ଟିକରପଡା ସାହିର ବନମାଳି କୁଶୁଲିଆ ଓ ସାନବାବୁ ସିକକା । ଏନେଇ ପୋଲିସ ଏକ ମାମଲା (ନଂ. ୮୦ / ୧୮) ରୁଜୁ କରିଛି ।

### କମ୍ପ୍ୟୁଟର ଦକ୍ଷତା ବିକାଶ କାର୍ଯ୍ୟକ୍ରମ

କଲ୍ୟାଣସିଂହପୁର,୩୧।୮ (ଡ଼ି.ଏନ.ଏ): ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସଦର ମହକୁମାଠାରେ ଗୁରୁବାର କମ୍ପ୍ୟୁଟର ଦକ୍ଷତା ବିକାଶମୂଳକ କାର୍ଯ୍ୟକ୍ରମ ନେହେରୁ ଯୁବ କେନ୍ଦ୍ର ତରଫରୁ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୨୫ ଜଣ ଯୁବତୀମାନଙ୍କୁ ୩ ମାସ ପର୍ଯ୍ୟନ୍ତ ମାଗଣାରେ କମ୍ପ୍ୟୁଟର ଶିକ୍ଷା ଦିଆଯିବ। ଏଥିରେ ବ୍ଲକ ଚେୟାରମ୍ୟାନ ଯୋଗେନ୍ଦ୍ର ଓ୍ୱାଡ଼କା ମୁଖ୍ୟଅତିଥି, ଦେବଗିରି କଲେଜର ପୂର୍ବତନ ପ୍ରିନ୍ସିପାଲ ଭି. ପ୍ରକାଶ ରାଓ,ପ୍ରିନ୍ସପାଲ ଅଶ୍ୱିନୀ କୁମାର ପଟ୍ଟନାୟକ, ଯୁବ ବିକାଶ ପରିଷଦ କର୍ମଚାରୀ ଅଶୋକ କୁମାର ଶତପଥୀ, ଲକ୍ଷ୍ମୀ ନାରାୟଣ ସେଠୀ,ମାଉଡ଼ି ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବର୍ତ୍ତମାନ ଯୁଗରେ କମ୍ପ୍ୟୁଟରର ମୂଲ୍ୟ ଓ ଉପାଦେୟତା ସମ୍ପର୍କରେ ଅତିଥିମାନେ କହିଥିଲେ । ଶେଷରେ ତନସୀ କମ୍ପ୍ୟୁଟର ସେଣ୍ଟରର ଡ଼ାଇରେକ୍ଟର ତ୍ରିଲୋଚନ କାଶୀ ଧନ୍ୟବାଦ ଦେଇଥିଲେ ।

### ମୁନିଗୁଡ଼ାକୁ ଏନ୍ଏସି ଦାବି

ମୁନିଗୁଡ଼ା,୩୧।୮ (ଡ଼ି.ଏନ.ଏ): ଦୀର୍ଘ ଦିନ ହେଲାଣି ରାୟଗଡ଼ା ଜିଲା ମୁନିଗୁଡ଼ାକୁ ଏନଏସି କରାଯିବା ନେଇ ଦାବି ହୋଇ ଆସୁଛି । ଏନେଇ ଆନ୍ଦୋଳନ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳି ନାହିଁ। ଏହି ଦାବି ଅଗଷ୍ଟ ୧୫ କିମ୍ବା ସ୍ୱାୟତ୍ତ ଶାସନ ଦିବସରେ ସରକାର ଘୋଷଣା କରିବେ ବୋଲି ମୁନିଗୁଡ଼ାବାସୀ ଆଶା ରଖିଥିଲେ । ହେଲେ ସେମିତି କିଛି ହେଲାନାହିଁ। ସେମାନଙ୍କ ଆଶା ମଉଳି ଯାଇଛି । ସରକାର ଏହି ଦାବି ପୂରଣ ପାଇଁ ଆନ୍ତରିକତା ଦେଖାଉ ନ ଥିବା ଅଭିଯୋଗ ହୋଇଛି । ପୂର୍ବରୁ ଏନେଇ ମୁନିଗୁଡ଼ା ବିକାଶ ପରିଷଦ ପକ୍ଷରୁ ୧୦ ଦିନ ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା । ସେହିପରି ମୁନିଗୁଡ଼ା ନାଗରିକ ମଞ୍ଚ ତରଫରୁ ୨ ଥର ମୁନିଗୁଡ଼ା ବଜାର ବନ୍ଦ କରି ଦାବି କରାଯାଇଛି । ଏପରିକି ମୁନିଗୁଡ଼ା ଜନସାଧାରଣଙ୍କ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଭେଟି ଏନଏସି ଗଠନ ପାଇଁ ଲିଖିତ ଭାବେ ଜଣାଇଛନ୍ତି । କିନ୍ତୁ ଇତିମଧ୍ୟରେ ଦୁଇବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଏନଏସି ଗଠନ ତ ଦୂରର କଥା ଅଞ୍ଚଳର ଶାସକଦଳର ନେତୃବୃନ୍ଦ ଠୋସ ପଦକ୍ଷେପ ନେଉ ନ ଥିବା ଜଣାପଡ଼ିଛି । ସରକାର ଯଦି ଶୀଘ୍ର କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତାହାହେଲେ ଆଗାମୀ ଦିନରେ ଏହାକୁ ନେଇ ମୁନିଗୁଡ଼ାବାସୀ ଏକ ବଡ଼ଧରଣର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

### ଅବସରକାଳୀନ ସମ୍ବର୍ଦ୍ଧନା



ରାୟଗଡା ଅଫିସ୍, ୩୧।୮: ରାୟଗଡା ଶ୍ରୀ ଜୟଗୁରୁ ମନ୍ଦିର ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡା ଗୋଷ୍ଠୀ ଶିକ୍ଷାଧିକାରୀ ରଜନୀକାନ୍ତ ସାମନ୍ତରାୟ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଶିକ୍ଷକ ଘନଶ୍ୟାମ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅବସରପ୍ରାପ୍ତ ଶିକ୍ଷାନୁପରିଦର୍ଶକ ବିଜୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକୁ ଶିକ୍ଷକ ଗଦାଧର ସାହୁ ପରିଚାଳନା କରିଥିଲେ। ଜୟଗୁରୁ ବିଦ୍ୟାଳୟର ଶିକ୍ଷକ ହରିଶ୍ଚନ୍ଦ୍ର ପୃଷ୍ଟି ଅବସରପ୍ରାପ୍ତ ଶିକ୍ଷକ ସାହୁଙ୍କ ଉଦ୍ଦେଶ୍ୟରେ ମାନପତ୍ର ପାଠ କରିଥିଲେ । ଶିକ୍ଷୟିତ୍ରୀ କୁନ୍ତଳା କୁମାରୀ ରଥ ଉପଢ଼ୌକନ ଓ ବିଜୟ ଦାସ ଏକ ଭାଗବତ ପୁସ୍ତକ ପ୍ରଦାନ କରିଥିଲେ । ଏଥିରେ ଗୌରାଙ୍ଗ ବେବର୍ତ୍ତା, ନିଳାଞ୍ଚଳ ମିଶ୍ର, ଦାମୋଦର ହୋତା, ବଳଦେବ ନାୟକ ଯୋଗଦେଇଥିଲେ ।

■ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ବ୍ୟାପକ ଅନିୟମିତତା

# କପି ପାଇଁ ଟଙ୍କା ଆଦାୟ

ରାୟଗଡା ଅଫିସ୍, ୩୧।୮

■ଶିକ୍ଷକ ବସାଉଛନ୍ତି ନକଲି ପରୀକ୍ଷାର୍ଥୀ
■ଘଟଣାସ୍ଥଳରେ ପହଞ୍ଚିଲେ ଜିଲା ଶିକ୍ଷାଧିକାରୀ
■କାରଣ ଦର୍ଶାଅ ନୋଟିସ ଜାରି

ରାୟଗଡା ସହରର ବାଳିକା ଉଚ୍ଚ ବିଦ୍ୟାଳୟରେ ଗତ ୨୯ତାରିଖରୁ ଆରମ୍ଭ ହୋଇଛି ରାଜ୍ୟମୁକ୍ତ ବିଦ୍ୟାଳୟ ପରୀକ୍ଷା । ହେଲେ ପରୀକ୍ଷାରେ ବ୍ୟାପକ ଅନିୟମିତତା ହେଉଥିବା ନଜରକୁ ଆସିଛି। ପରୀକ୍ଷା କେନ୍ଦ୍ରରେ ଖୋଲାଖୋଲି ଭାବେ କପି କରାଯାଉଛି । ଏମିତି କି କପି ଯୋଗାଇ ପାଇଁ ପରୀକ୍ଷାର୍ଥୀଙ୍କଠାରୁ ଟଙ୍କା ଆଦାୟ କରାଯାଉଛି । ପରୀକ୍ଷା କେନ୍ଦ୍ରର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟଙ୍କଠାରୁ ଆରମ୍ଭକରି ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କପି ଯୋଗାଉଥିବା ଜଣାଯାଇଛି । ଏଭଳିକି ପ୍ରଶ୍ନର ସମସ୍ତ ଉତ୍ତର ଏକ ବହିଧରି ପରୀକ୍ଷାର୍ଥୀଙ୍କୁ ଡକାଯାଉଥିବା ଶୁକ୍ରବାର ନଜରକୁ ଆସିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ପରୀକ୍ଷା କେନ୍ଦ୍ରରେ ନକଲି ପରୀକ୍ଷାର୍ଥୀଙ୍କୁ ଆଣି ବସାଇ ପରୀକ୍ଷା ମଧ୍ୟ କରାଯାଉଛି । ଖବରପାଇ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବାରିହା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ସମସ୍ତଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି । ମାଟ୍ରିକ୍ ପାସ୍ କରିବା ପାଇଁ ବୟସାଧିକ ଯୁବକଙ୍କୁ ଶିକ୍ଷା ପ୍ରଦାନ କରି ଏହି ପରୀକ୍ଷା କରାଯାଇଥାଏ । ଜିଲାର ରାୟଗଡା, ମୁନିଗୁଡା, ବିଷମକଟକ, ପଦ୍ମପୁର ଓ ଗୁଡାରୀରେ ଥିବା ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ପର୍ଯ୍ୟାୟକ୍ରମେ ଶିକ୍ଷା ଗ୍ରହଣ କରିବା ପରେ ସେମାନଙ୍କ ପରୀକ୍ଷା କରାଯାଉଛି । ଗତ ୨୯ ତାରିଖରୁ ଏହି ପରୀକ୍ଷା ଚାଲୁ ରହିଛି । ପ୍ରଥମ ଦିନରେ ୨ନମ୍ବର ପ୍ରକୋଷ୍ଠରେ ଜଣେ ନକଲି ପରୀକ୍ଷାର୍ଥୀ ନଜରକୁ ଆସିଥିଲେ । ୧୯ ରୋଲ ନମ୍ବରର ପରୀକ୍ଷାର୍ଥୀ ଅଶ୍ୱିନୀ ମହାକୁଡଙ୍କ ସ୍ଥାନରେ ଜଣେ ନକଲି ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିଲେ । ଖୋଦ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ନକଲି ପରୀକ୍ଷାର୍ଥୀଙ୍କୁ ଆଣି ବସାଇଥିବା ଉକ୍ତ ଦିନ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ସିଗ୍ମା ଭାରତୀ ଅଭିଯୋଗ କରିଛନ୍ତି । ନକଲି ପରୀକ୍ଷାର୍ଥୀ ବସିଥିବା ଜଣାପଡିବା ପରେ ସେ ଏ ସମ୍ପର୍କରେ ସୁପରିଣ୍ଟେଣ୍ଡେଣ୍ଟ ତଥା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ। ହେଲେ ସେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଶିକ୍ଷୟିତ୍ରି ଭାରତୀଙ୍କୁ ମ୍ୟାନେଜ କରିବାକୁ କହିଥିଲେ । ହେଲେ ଶିକ୍ଷୟିତ୍ରୀ ଜଣକ ଏହିଭଳି ବେଆଇନ୍ କାମ କରି ପାରିବି ନାହିଁ କହି ପରୀକ୍ଷା ପ୍ରକୋଷ୍ଠ ଛାଡି ଚାଲିଯାଇଥିଲେ । ଉକ୍ତ ନକଲି ପରୀକ୍ଷାର୍ଥୀଙ୍କୁ ବାହାର କରାଯିବା ପରେ ଶିକ୍ଷୟିତ୍ରୀ ଭାରତୀ ପରୀକ୍ଷା ପ୍ରକୋଷ୍ଠକୁ ଆସିଥିଲେ । ପରୀକ୍ଷା ନିମନ୍ତେ ପୋଲିସ ମୁତୟନ ହୋଇଥିଲେ ମଧ୍ୟ ତାହା ପୋଲିସକୁ ନ ଜଣାଇ ଚାପି ଦିଆଯାଇଥିଲା । ଏଭଳିକି ଉକ୍ତ ବିଦ୍ୟାଳୟରେ ଆବଶ୍ୟକ ପରିମାଣରେ ଶିକ୍ଷୟିତ୍ରୀଶିକ୍ଷକ ଥିବା ସତ୍ତ୍ୱେ ବାହାର ବିଦ୍ୟାଳୟରୁ ଡେପୁଟେଶନରେ ଆଣି ପରୀକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଇଛି । ଶୁକ୍ରବାର ଶିକ୍ଷକ ସୀମାଞ୍ଚଳ ରାଉତ ଏବଂ ପି.ଆପାରାଓ ଏହାର ତୀବ୍ର ପ୍ରତିବାଦ କରିଥିଲେ। କେଉଁ କାରଣରୁ ଆମକୁ ପରୀକ୍ଷା କାର୍ଯ୍ୟରୁ ନିବୃତ ରଖାଯାଇଛି ବୋଲି ପ୍ରଧାନଶିକ୍ଷୟିତ୍ରୀଙ୍କୁ ପ୍ରଶ୍ନ କରିଥିଲେ । ଏହି କେନ୍ଦ୍ରରେ ୧୫୨ଜଣ ପରୀକ୍ଷା ଦେଉଥିବା ବେଳେ ଶୁକ୍ରବାର ୧୫ଜଣ ଅନୁପସ୍ଥିତ ଥିଲେ। ୩୭ଜଣ ନାମକୁ ମାତ୍ର ପରୀକ୍ଷା ଦେଉଥିବା ପରିଲକ୍ଷିତ ହୋଇଥିଲା । ଗୋଟିଏ ଗୋଟିଏ ବ୍ୟାଚରେ ୪ଜଣ ଲେଖାଏଁ ବସି ପରୀକ୍ଷା ଦେଉଥିବା ବେଳେ ଶିକ୍ଷୟିତ୍ରୀଶିକ୍ଷକମାନେ ଉତ୍ତର ଡାକୁଥିଲେ। ପରୀକ୍ଷାର୍ଥୀଙ୍କ ଠାରୁ ଜଣକା ପିଛା ୩ରୁ ୪ହଜାର ଟଙ୍କା ଉତ୍କୋଚ ନିଆଯାଇଥିବା ଅଭିଯୋଗ ହୋଇଛି । ଖୋଦ କିଛି ପରୀକ୍ଷାର୍ଥୀ ଏ ସମ୍ପର୍କରେ ସମସ୍ତ ସୂଚନା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଦେଇଛନ୍ତି । କିଭଳି ଓ କିଏ କିଏ ଏହି ଟଙ୍କା ସେମାନଙ୍କ ଠାରୁ ନେଇଥିଲେ ତାହାର ସମସ୍ତ ତଥ୍ୟ ସେମାନେ ପ୍ରଦାନ କରିଛନ୍ତି । ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ବାରିହାଙ୍କୁ ପଚାରିବାରୁ, ସୂଚନାପାଇ ମୁଁ ବିଦ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ କରିଥିଲି । କିଛି ପରୀକ୍ଷାର୍ଥୀ ଭୁଲ ସ୍ଥାନରେ ବସିଥିଲେ । ଶିକ୍ଷକମାନେ ପ୍ରଶ୍ନର ଉତ୍ତର ପରୀକ୍ଷାର୍ଥୀଙ୍କୁ ଦେଉଥିବା ଘଟଣା ସମ୍ପର୍କରେ ପଚାରିଥିଲି । କିନ୍ତୁ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଶିକ୍ଷକ ଓ ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ ମନା କରିଥିଲେ। ଏହି ଘଟଣାର ରିପୋର୍ଟ ତୁରନ୍ତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛି ବୋଲି କହିଛନ୍ତି।



ଜବତ ବିସ୍ଫୋରକ ସାମଗ୍ରୀ ସହ ଗିରଫ ୨ ଅଭିଯୁକ୍ତ ।

## ବିସ୍ଫୋରକ ସାମଗ୍ରୀ ଜବତ, ୨ ଗିରଫ

ମୁନିଗୁଡା, ୩୧।୮ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡା ପୋଲିସ ରାମନାକୁନ୍ଦୁଲି ଛକଠାରେ ୨୩ କେଜି ବିସ୍ଫୋରକ, ୨ ବଣ୍ଡଲ ତାର ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫଦ୍ୱୟ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ କୁମୁନ୍ଦଲ ଗ୍ରାମର ସନ୍ତୋଷ କୁମାର ମହାପାତ୍ର ଓ ଗଞ୍ଜାମ ଜିଲା କୋଦଳା ଥାନା ଅନ୍ତର୍ଗତ ବୁରୁଝାରୀ ଗ୍ରାମର ଯୁଧିଷ୍ଠିର ମହାନ୍ତି । ଏକ ବାଇକ୍ ଯୋଗେ ବିସ୍ଫୋରକ ସାମଗ୍ରୀ ଯାଉଥିବା ପୋଲିସ ଖବର ପାଇଥିଲା । ପରେ ଥାନା ଏସ୍ଆଇ କିଷ୍ଟୁ ଓ ତପନ କୁମାର ମାହାଲିଙ୍କ ମିଳିତରେ ମୁନିଗୁଡା ଥାନା ରାମନାକୁନ୍ଦୁଲି ଛକଠାରେ ଉକ୍ତ ବାଇକକୁ ଅଟକାଇ ଯାଞ୍ଚ କରିଥିଲେ । ପରେ ସେଥିରୁ ବିସ୍ଫୋରକ ସାମଗ୍ରୀ ଓ ବାଇକକୁ ଜବତ କରିଥିଲେ। ପୋଲିସ ଏନେଇ ଏକ ମାମଲା (ନଂ. ୭୭/ ୧୮) ରୁଜୁ ତଦନ୍ତ ଚଳାଇଛି । ଉକ୍ତ ସାମଗ୍ରୀଗୁଡିକୁ ମୁନିଗୁଡା ଥାନା ମାଦାଖାଲଠାରେ ଥିବା ଏକ ପଥରଖଣିକୁ ନେଇ ଯାଉଥିବା ଜଣାପଡିଛି।

## ସ୍ୱାୟତ୍ତ ଶାସନ ଦିବସ ପାଳିତ

ଗୁଣପୁର,୩୧।୮ (ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ପୌର ପରିଷଦ କାର୍ଯ୍ୟାଳୟଠାରେ ଶୁକ୍ରବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଧାୟକ ତ୍ରିନାଥ ଗମାଙ୍ଗ ଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷା କବିତା ଶବର, ଉପାଧ୍ୟକ୍ଷ ମୁଖୀ ରାବଣା, ନିର୍ବାହୀ ଅଧିକାରୀ ଭାବଗ୍ରାହୀ ସାହୁଙ୍କ ସମେତ ସମସ୍ତ କାଉନସିଲର ଯୋଗ ଦେଇଥିଲେ । ସେହିପରି ପୁରୁଣା ବସଷ୍ଟାଣ୍ଡଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଏବଂ ନୂତନ ବସଷ୍ଟାଣ୍ଡଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପୂର୍ବତନ ଏନଏସି ଅଧ୍ୟକ୍ଷ ଶିବ ପ୍ରସାଦ ଗୌଡ ମଧ୍ୟ ଯୋଗଦେଇଥିଲେ । ଏହି ଅବସରରେ ମେହେନ୍ତରମାନଙ୍କୁ ଡ୍ରେସ, ପ୍ରତିଯୋଗିତାରେ ଯୋଗ ଦେଇଥିବା ବିଜୁ ଯୁବବାହିନୀ ସଭ୍ୟମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।



ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ବିଧାୟକ,ଅଧ୍ୟକ୍ଷା ଏବଂ କାଉନସିଲ ।

### ଡମ୍ବସରା ଡିଗ୍ରୀ କଲେଜରେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଗୁଣପୁର,୩୧।୮ (ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ବ୍ଲକ ଡମ୍ବସରାସ୍ଥିତ ଡିଗ୍ରୀ କଲେଜରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ଡ.କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କଲେଜ ପରିଚାଳନା କମିଟି ସଂପାଦକ ଜଗନ୍ନାଥ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ଶୁଭକାମନା ଜଣାଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଶେଷରେ ସୁଜିତ କୁମାର ସେନାପତି ଧନ୍ୟବାଦ ଦେଇଥିଲେ । ଛାତ୍ରୀ ସ୍ୱପ୍ନାରାଣୀ ମହାନ୍ତି ଏବଂ ଛାତ୍ର ଅମୃତ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## କର୍ମଚାରୀ, ଏସ୍ଏଚ୍ଜି ଗ୍ରୁପ୍ ପୁରସ୍କୃତ

ରାୟଗଡା ଅଫିସ୍, ୩୧।୮

ରାୟଗଡା ପୌର ପରିଷଦ ତରଫରୁ ସ୍ୱାୟତ ଶାସନ ଦିବସ ପାଳିତ ହୋଇଯାଇଛି । ରାଜ୍ୟସଭା ସଦସ୍ୟ ଏନ୍.ଭାସ୍କର ରାଓ ମୁଖ୍ୟଅତିଥି, ରାୟଗଡା ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ଲାଲ୍‌ବିହାରୀ ହିମିରିକା, ପୌରାଧ୍ୟକ୍ଷା ଭି.ଗୌରୀ ଜୟନ୍ତୀ, ଉପାଧ୍ୟକ୍ଷ ଡା. ନିରଞ୍ଜନ ପ୍ରସାଦ ବକ୍ସିପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରଥମେ ସକାଳେ ନଗର ପରିକ୍ରମା କରାଯିବା ସହ ପୌର ପତାକା କାର୍ଯ୍ୟାଳୟରେ ଉତ୍ତୋଳନ କରାଯାଇଥିଲା । ଏହାପରେ ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଶେଷରେ ପୌର ପରିଷଦ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ପୌର କର୍ମଚାରୀଙ୍କୁ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା। ସେହିପରି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସରକାରୀ ଉତ୍କୃଷ୍ଟ ମେହେନ୍ତର ଭାବେ ପୁରୁଷ ବର୍ଗରେ ଏମ୍.ସଗଡା ଓ ମହିଳା ବର୍ଗରେ ଜେ.ଖୋରାଙ୍କୁ ଏବଂ ବେସରକାରୀ ମେହେନ୍ତର ଭାବେ ପୁରୁଷ ବର୍ଗରେ ରଶ୍ମି ନାଗ ଓ ମହିଳାବର୍ଗରେ ଏସ୍.ହୁଇକାଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିଭଳି ଉତ୍କୃଷ୍ଟ ପିଅନ ଭାବେ ସ୍ନେହାବାଳା ସାହୁ, ଟିକସ ଆଦାୟକାରୀ ପି.ସିଏଚ୍ ଦାସ ଏବଂ ଉତ୍କୃଷ୍ଟ ତଥ୍ୟ ସଂରକ୍ଷଣ ପରିଚାଳକ ଭାବେ ରଶ୍ମି ଦାସଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଅପରପକ୍ଷରେ ପୌରାଞ୍ଚଳରେ ଥିବା ଲକ୍ଷ୍ମୀବାଇ ଏସ୍ଏଚ୍ଜି ଗ୍ରୁପ୍‌କୁ ପ୍ରଥମ, ମା' ତାରିଣୀ ଗ୍ରୁପ୍‌କୁ ଦ୍ୱିତୀୟ ଓ ମା' ମଙ୍ଗଳା ଗ୍ରୁପ୍‌କୁ ତୃତୀୟ ସ୍ଥାନ ଅଧିକାର କରିଥିବା ଯୋଗୁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୌର ପରିଷଦର ନିର୍ବାହୀ ଅଧିକାରୀ ମାଙ୍ଗେଲାଲ ଜୈନ ଓ ଅନ୍ୟ କର୍ମଚାରୀମାନେ ପରିଚାଳନା କରିଥିବା ବେଳେ ସମସ୍ତ ୱାର୍ଡର କାଉନସିଲରମାନେ ଉପସ୍ଥିତ ଥିଲେ ।

# ଜେକେ କାଗଜକଳ ଶ୍ରମିକଙ୍କ ଧର୍ମଘଟ

■ ସମସ୍ୟା ସମାଧାନ ନେଇ ସ୍ଥାୟୀ କର୍ମଚାରୀଙ୍କ ପକ୍ଷରୁ ଦାବିପତ୍ର

ରାୟଗଡା ଅଫିସ୍, ୩୧।୮

ରାୟଗଡା ବ୍ଲକ୍ ଜେକେପୁରସ୍ଥିତ କାଗଜକଳରେ ଠିକା ଶ୍ରମିକଙ୍କ ଧର୍ମଘଟ ଜାରି ରହିଛି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଶ୍ରମିକମାନେ ଜିଦ୍ ଧରିଛନ୍ତି । ତେଣୁ ତୁରନ୍ତ ଏହାର ସମାଧାନ କରିବା ନେଇ କମ୍ପାନୀରେ କାର୍ଯ୍ୟରତ ଥିବା ଶତାଧିକ ସ୍ଥାୟୀ କର୍ମଚାରୀ ଶୁକ୍ରବାର ରାୟଗଡା ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିସହିତ ରାଜ୍ୟସଭା ସଦସ୍ୟ ଏନ୍.ଭାସ୍କର ରାଓ, ରାୟଗଡା ବିଧାୟକ ଲାଲ୍‌ବିହାରୀ ହିମିରିକା, ଜିଲା ଆରକ୍ଷୀ ଅଧିକ୍ଷକ, ଏଏଲ୍‌ସି, ବ୍ଲକ୍ ଅଧ୍ୟକ୍ଷ, ଜିଲା ପରିଷଦ ଅଧ୍ୟକ୍ଷ, ସରପଞ୍ଚଙ୍କ ଉଦ୍ଦେଶ୍ୟରେ ଜେକେ କାଗଜକଳର ସ୍ଥାୟୀ କର୍ମଚାରୀମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଗତ ୨୪ତାରିଖରୁ ଠିକା କର୍ମଚାରୀଙ୍କ ଦ୍ୱାରା କମ୍ପାନୀ କାର୍ଯ୍ୟକୁ ବନ୍ଦ କରାଯାଇଛି । କମ୍ପାନୀର ମୁଖ୍ୟ ଫାଟକ ସାମ୍ନାରେ କମ୍ପାନୀର ଅଣକର୍ମଚାରୀମାନେ ଆମ୍ଭମାନଙ୍କୁ ଗାଳି ଗୁଲଜ କରି ବିଶୃଙ୍ଖଳା ସୃଷ୍ଟି କରୁଥିଲେ । ଏସବୁକୁ ଆମେ ଅଣଦେଖା କରି ନିଜ ନିଜର କାର୍ଯ୍ୟସ୍ଥଳକୁ ଯାଉଥିଲୁ । ଏହି ଧର୍ମଘଟରେ ଆମ ସ୍ଥାୟୀ କର୍ମଚାରୀମାନଙ୍କର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ କୌଣସି ଭୂମିକା ନାହିଁ । କିନ୍ତୁ କମ୍ପାନୀର ଉତ୍ପାଦନ ନ ହେବାରୁ କମ୍ପାନୀ କର୍ତ୍ତୃପକ୍ଷ ଆମର ୪ ବର୍ଷର ଚୁକ୍ତିକୁ ଅଣଦେଖା କରି ଶୁକ୍ରବାର କମ୍ପାନୀ ମୁଖ୍ୟ ଫାଟକରେ ତାଲା ପକାଇ ସ୍ଥାୟୀ କର୍ମଚାରୀମାନଙ୍କୁ କାର୍ଯ୍ୟରୁ ନିବୃତ କରିଛନ୍ତି । ତେଣୁ ତୁରନ୍ତ ଏହାର ସମାଧାନ କରିବା ପାଇଁ ଅନୁରୋଧ କରିଥିବା ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି । ଏହି ଦାବିପତ୍ର ଭୁବନେଶ୍ୱର ଲେବର କମିଶନରଙ୍କ ଉଦ୍ଦେଶ୍ୟରେ ପଠାଯାଇଥିବା ଜଣାଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରାଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଫୋର୍ସ ମୁତୟନ କାରଯାଇଥିଲା ।



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ସ୍ଥାୟୀ କର୍ମଚାରୀମାନେ ।




## ବାଇକ୍ ଧକ୍କାରେ ନାବାଳିକା ଗୁରୁତର

ଟିକିରି,୩୧।୮ (ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରିଠାରେ ବାଇକ୍ ଧକ୍କାରେ ଜଣେ ନାବାଳିକା ଗୁରୁତର ହୋଇଛନ୍ତି । ସେ ହେଲେ ପୋଡାପାଡି ଗ୍ରାମର ରବି ଝୋଡ୍ରଙ୍କ ଝିଅ ମମତା ଝୋଡ୍ରିଆ(୭) । ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ କୋରାପୁଟ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ମମତା ମାଆଙ୍କ ସହ ହାଟକୁ ଯାଉଥିବା ବେଳେ କାନାଡା ବ୍ୟାଙ୍କ ନିକଟରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା । ବାଇକ୍ ଚାଳକ ଜଣକ ଭାଡିଗୁଡା ପଞ୍ଚାୟତ ଅନ୍ତର୍ଗତ ଦୋରାଗୁଡା ଗ୍ରାମର ସୁରେଶ ପାତ୍ର ବୋଲି ଜଣାଯାଇଛି ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ